


ଧଉଳି ଏକ୍ସପ୍ରେସ୍‌ର
ଆଇନ ପରାମର୍ଶ ଦାତା

ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମଲ୍ଲିକ
(ଆଡ଼ଭୋକେଟ)

ଅବସରପ୍ରାପ୍ତ
ଅନୁଶାସନ, ସଚିବ


RNI No. : ODIODI/2019/77646

ଧଉଳି ଏକ୍ସପ୍ରେସ
The Dhauli Express
THE DHAULI EXPRESS

INDEPENDENT ODIA FORRTNIGHTLY NEWSPAPER

# ଧଉଳି ଏକ୍ସପ୍ରେସ
THE DHAULI EXPRESS





ବର୍ଷ-୦୮ ସଂଖ୍ୟା-୧୭ ଭୁବନେଶ୍ୱର ୦୧ ସେପ୍ଟେମ୍ବର ରୁ ୧୫ ସେପ୍ଟେମ୍ବର ୨୦୨୬ ପୃଷ୍ଠା-୮ ମୂଲ୍ୟ-୫ ଟଙ୍କା

Vol.-08 Issue-17 Bhubaneswar 01 September to 01 September 2026 Page-8 Rs. 5.00


# ନୂଆ ଏନ୍‌ଏସି ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ, ୬୨ ପୌରାଞ୍ଚଳ ପାଇଁ ୫୯୩ ପ୍ରକଳ୍ପର ଶୁଭାରମ୍ଭ




ଭୁବନେଶ୍ୱର : ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର। ସହର ଗୁଡିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢିବାକୁ ହେବ, ଯେଉଁଠି ଯୁବ ପିଢି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ପାଳନ ଅବସରରେ କହିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି ଘଇଉରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଘଇଉ ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍ଘାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି।

ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୌର ସଂସ୍ଥା ଗୁଡିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, , ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, Indian School of Business Gaõ National Institute of Urban Affairs ର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥି ସହିତ ଉଜଟଞ୍ଚ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ୧୧୫ଟି ପୌର ସଂସ୍ଥାରେ OSWAN Video Conferencing ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହିତ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି। ଆମେ କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ NAC ଓ Municipality ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ । ଏଥି ସହ ସ୍ୱଚ୍ଛ ଓଡିଶା, ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଭୁବନେଶ୍ୱରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଅର୍ଜନ କ୍ଷେତ୍ରରେ ଏକ ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଥିଲେ ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ସହରାଞ୍ଚଳବାସୀଙ୍କ ସହଯୋଗରେ ହିଁ ସହରାଞ୍ଚଳର ବିକାଶ ସମ୍ଭବ ହେବ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

## ସମ୍ପାଦକୀୟ

# ସ୍ମୃତିରେ ପର୍ବ ପର୍ବାଣୀ

ବର୍ଷ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପି ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ୍ୟ ଏକ ପ୍ରକାର ମାନସିକ, ନୈତିକ ଓ ଆଧାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥା ନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ୍ୟ କରାଯାଇଥାଏ । ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ୍ୟ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ୍ୟ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲଣ । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀ ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବ ଦେବୀଙ୍କର ଅଲୌକିକ ଶକ୍ତି ଅଛି – ତାହା ଉପରେ ବିଶ୍ୱାସ। ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ୍ୟ ଦୈବୀ ଶକ୍ତି ଅଛି, ସେ ମଧ୍ୟ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ କେତେକ ଆଧାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାରି, ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବ ପର୍ବାଣୀ ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି । ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣୀ ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଉର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି । 'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ୍ୟ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣୀ ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣୀ ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ – ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ । ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ୍ୟ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି । ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବଢୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ୍ୟ । ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବ ପର୍ବାଣୀ ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି ତାହାର ମହତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା।

# ସାମଗ୍ରିକ ନବଜାତକ ଯତ୍ନ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ ୟୁନିଟ ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିପରି ଏନବିଏସୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ୍ୟ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନବିଏସୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣୀତ କରିଛି।

ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ଆଇଏପି ନିଓକନର ୧୫ତମ ବାର୍ଷିକ ସମ୍ମିଳନୀ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଟ, କିସ୍ ଓ କିମସ ପ୍ରତିଷ୍ଠାତା ଡ.ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ ମୋଟାଲିଟି ରେଟ ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ.ଏନ. ପରିଡ଼ା ଏବଂ ଡା. ଗିରିଶ ଗୁପ୍ତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ ଫେଲୋଶିପ ଏକଜିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏବେ ଦେଶରେ ନବଜାତ ଶିଶୁ ମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧ ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ମିଳନୀ ଉଦଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗ ଦେଇଥିବା ବେଳେ ୧୫୦ ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ସମ୍ମିଳନୀର ଆଲୋଚ୍ୟ ବିଷୟବସ୍ତୁ ରହିଛି 'ସାମଗ୍ରୀକ ନବଜାକ ଯତ୍ନ'।

ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱସ୍ତିକର ହୋଇଥାଏ । ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ । ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ । ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ । ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ । ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ । ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇ ପାରନ୍ତି । ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ । ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ । ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି । ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ । ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି । ଯାହାଫଳରେ ପେଟ ଫୁଲିଥାଏ । ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପଙ୍ଗା ବୋଲି କହିଥାନ୍ତି । ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ । ଏହା ୧୦/୧୫ ଦିନ ରହିଥାଏ । ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ । ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ । ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ । କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ । ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା । ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ । ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ । ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ ।

ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତା ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧ୍ୟରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସବୁ ରାଜ୍ୟରେ ଏନବିଏସୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନବିଏସୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନବିଏସୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ନିକଟରେ ଏନବିଏସୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନା ଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନବିଏସୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜୀବନ ରକ୍ଷା କରିବାରେ ବେଶ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁ ବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୨ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ (ଏସଏନଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ, କଙ୍ଗାରୁ ମଦର କେୟାର ୟୁନିଟ ଆଦି ସ୍ଥାପନ, ଭାରତର ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟିହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି। ଓଡ଼ିଶା ସରକାରଙ୍କ ଜଣେ ଦକ୍ଷ, ଅନୁଭବୀ ଓ ନବୀନ ବାବୁଙ୍କ ଘନିଷ୍ଠ ସହଯୋଗୀ ଭାବେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ରହିଛନ୍ତି ନିରଞ୍ଜନ ପୂଜାରୀ। ଲୋକପ୍ରିୟ ନବୀନ ବାବୁଙ୍କ ସରକାରଙ୍କ ଶୂନ୍ୟ ମୃତ୍ୟୁ ନୀତିକୁ ସେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରି ରାଜ୍ୟର ବିକାଶରେ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱକୁ ସେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି। ଯାହାଦ୍ୱାରା ଓଡ଼ିଶା ଏହି ବିରଳ ସଫଳତା ଓ ଗୌରବ ପାଇପାରିଛି।

***ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର***

## ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବାକୁ ହେବ

# ଆତଙ୍କବାଦ ଉପରେ ବର୍ଷିଲେ ମୋଦି





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିର୍ଗିଜସ୍ତାନର ରାଜଧାନୀ ବିସକେକରେ ସାଙ୍ଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ଶିଖର ସମ୍ମିଳନୀରେ ସାମିଲ ହୋଇଛନ୍ତି । ଏସସିଓ ମଞ୍ଚରୁ ଆତଙ୍କବାଦ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପାକିସ୍ତାନ ପିଏମ୍ ଶେହୱାଜ ସରିଫ୍ ଚାହିଁଥିଲେ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଶୁଣାଇଛନ୍ତି ମୋଦି । ଭାରତର ଆଞ୍ଚଳିକ ଏବଂ ରଣନୀତିକ ସ୍ୱାର୍ଥକୁ ଦୃଢ଼ ଭାବରେ ଉପସ୍ଥାପନ କରିଛନ୍ତି ପିଏମ୍ ମୋଦି । ଭାରତର ମୁଖ୍ୟ ଧ୍ୟାନ ଆତଙ୍କବାଦ ବିରୋଧରେ ଲଢ଼େଇ, ଆଞ୍ଚଳିକ ସଂଯୋଗ ଏବଂ ଶକ୍ତି ସୁରକ୍ଷା ଉପରେ ରହିଛି । ଆତଙ୍କବାଦ୍ ଉପରେ ଡବଲ୍ ଷ୍ଟାଡାଣ୍ଡ ଚାଲିବ ନାହିଁ । ଆମକୁ ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବାକୁ ପଡିବ । ବାହ୍ୟ ଚାପରେ ଭାରତ ନିଜର ଜାତୀୟ ପ୍ରାଥମିକତା ଏବଂ ରଣନୈତିକ ସ୍ୱାୟତ୍ତତାକୁ ବଜାୟ ରଖି ୟୁରେସିଆର ପ୍ରମୁଖ ଶକ୍ତିମାନଙ୍କ ସହିତ ସହଯୋଗ ବୃଦ୍ଧି କରୁଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଆତଙ୍କବାଦର ସମଗ୍ର ବ୍ୟବସ୍ଥାକୁ ଭାଙ୍ଗିବାକୁ ପଡ଼ିବ- ଆତଙ୍କବାଦ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ଗ୍ରହଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଘଟଣା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବାର ନୀତି ଏହାର ମୁକାବିଲା ପାଇଁ ଯଥେଷ୍ଟ ନୁହେଁ । ଆତଙ୍କବାଦକୁ ପାଣ୍ଠି ଯୋଗାଣ, ନିଯୁକ୍ତି, ଉଗ୍ରବାଦ ଏବଂ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ଯୋଗାଇବା ଭଳି ସମଗ୍ର ବ୍ୟବସ୍ଥାକୁ ଭାଙ୍ଗିବାର ଆବଶ୍ୟକତା ରହିଛି । ପାକିସ୍ତାନର ନାମ ନ ନେଇ ମୋଦି କହିଛନ୍ତି ଯେ, ଯେଉଁ ରାଷ୍ଟ୍ରମାନେ ଆତଙ୍କବାଦକୁ ନିଜ ନୀତିର ଉପକରଣ କରନ୍ତି ଏବଂ ଆତଙ୍କବାଦୀଙ୍କୁ ସମର୍ଥନ କିମ୍ବା ଆଶ୍ରୟ ଦିଅନ୍ତି, ସେମାନଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯିବା ଉଚିତ୍ ଯେ ଆତଙ୍କବାଦ କୌଣସି ଦେଶ ପାଇଁ ରଣନୀତିକ ସମ୍ପତ୍ତି ହୋଇପାରିବ ନାହିଁ । ଏସସିଓ ଫୋରମରୁ ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ସଦସ୍ୟ ଦେଶମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆତଙ୍କବାଦ ଏବେ ମଧ୍ୟ ସମଗ୍ର ମାନବ ଜାତି ପାଇଁ ଏକ ଗମ୍ଭୀର ଆହ୍ୱାନ ଏବଂ ଏହା ବିରୋଧରେ ଲଢେଇ କେବଳ 'କାର୍ଯ୍ୟ-ପ୍ରତିକ୍ରିୟା' ମଧ୍ୟରେ ସୀମିତ ନୁହେଁ । ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ଆତଙ୍କବାଦୀ ନିଯୁକ୍ତି, ଉଗ୍ରବାଦ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀର ସମ୍ପୂର୍ଣ୍ଣ ଇକୋସିଷ୍ଟମକୁ ଭାଙ୍ଗିବା ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ''ଏହି ଗମ୍ଭୀର ଆହ୍ୱାନର ମୁକାବିଲା କରିବା ପାଇଁ ସମସ୍ତ ଦେଶକୁ ଏକ ସ୍ୱରରେ ସ୍ପଷ୍ଟ କରିବାକୁ ପଡିବ ଯେ ଆତଙ୍କବାଦ ପ୍ରସଙ୍ଗରେ ଦୋମୁହାଁ ମାନଦଣ୍ଡକୁ ଗ୍ରହଣ କରାଯାଇପାରିବ ନାହିଁ । ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା କିମ୍ବା ଏହାକୁ ସେମାନଙ୍କ ରଣନୀତିର ଅଂଶବିଶେଷ କରୁଥିବା ଦେଶମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେବାକୁ ମୋ ଅପିଲ୍ ।''

### ମୋଦି-ପୁଟିନ-ଜିନପିଙ୍ଗଙ୍କ ହାତ ମିଳାଇଲେ ୩ ଶକ୍ତିଶାଳୀ ନେତା

ବିଶକେକ୍‌ରେ ଆୟୋଜିତ ହୋଇଛି ୨୬ ତମ ଏସ୍ ?ସିଓ ଶିଖର ସମ୍ମିଳନୀ। ଏହି ବେ ?ଠକ ଏଥିପାଇଁ ଖାସ୍ କାରଣ, ଏଠାରେ ଚୀନ୍-ରୁଷ ଓ ଭାରତ ଏକାଠି ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏ ହେଉଛନ୍ତି ସେହି ୩ ସୁପର ପାୱାର ଦେଶ, ଯାହାକି ଆମେରିକାର ବି



ଚିନ୍ତାର କାରଣ ପାଲଟିଛନ୍ତି। ପୁଣିଥରେ ଯେତେବେଳେ ଏହି ତିନି ନେତା ଏକାଠି ହୋଇଥିଲେ, ତାହା ପାଲଟିଥିଲା ସୋସିଆଲ ମିଡିଆର ଭାଇରାଲ ମୁହୂର୍ତ୍ତ। ଯାହାକି ଏବେ ଗ୍ଲୋବାଲ ମିଡିଆରେ ବହୁଦିନ ଯାଏଁ ଚର୍ଚ୍ଚାର କାରଣ ରହିବ।

ଯେତେବେଳେ କିର୍ଗିଜସ୍ତାନରେ ୩ ଦେଶର ଟପ୍ ଲିଡର ଗୋଟିଏ ଛାତ ତଳେ ଏକାଠି ହୋଇଥିଲେ, ଏହି କ୍ଷଣର ଫଟୋ ଏବଂ ଭିଡିଓ ଏବେ ସାମନାକୁ ଆସିଛି। ଯାହାର ସମସ୍ତେ ଅପେକ୍ଷା କରୁଥିଲେ। ଗୋଟିଏ ପଟେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ। ସେଭଳି ତାଙ୍କ ଆଗରେ ଠିଆ ହୋଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯେତେବେଳେ ସେ ସାମନା ସାମନି ହୁଅନ୍ତି, ନିଜର ପୁରୁଣା ବନ୍ଧୁଙ୍କୁ ଦେଖି ହସିବା ସହ ପ୍ରଥମେ ପୁଟିନ୍ ଓ ପରେ ଜିନପିଙ୍ଗଙ୍କ ହାତ ଧରି ନିଅନ୍ତି। ଯେପରି ତିନିଜଣ ବିଶ୍ୱକୁ ବାର୍ତ୍ତା ଦେଉଛନ୍ତି ଏହା ହେଉଛି ସେମାନେ ହିଁ ଭବିଷ୍ୟତର ଲିଡର।

### ପୁଅକୁ ବଞ୍ଚେଇବାକୁ ମା'ର ସଂଘର୍ଷ

## କାନ୍ଧରେ କାନ୍ଧେଇ ହସ୍ପିଟାଲ ଦୌଡ଼ିଲେ ମା'

କେନ୍ଦୁଝର : ପୁଅକୁ ବଞ୍ଚେଇବାକୁ ମା'ର ସଂଘର୍ଷ । କାନ୍ଧରେ କାନ୍ଧେଇ ହସ୍ପିଟାଲ ଦୌଡ଼ିଲେ ମା' । ଲଗାଣ ବର୍ଷାକୁ ବି ନଥିଲା ଖାତିର । ବାସ୍ ଗୋଟିଏ ଲକ୍ଷ ମୋ ପୁଅର ଜୀବନ ବଞ୍ଚିଯାଉ । ଏହା କେଉଁ ଫିଲ୍ମର କାହାଣୀ ନୁହେଁ ଏପରି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ପାଟଣା ଥାନା ଝାଲିଆପଡ଼ା ଗାଁ ଗୁଣିଆଭାଡ଼ି ସାହିରେ । ସୂଚନା ଅନୁସାରେ , ଆଜି ସକାଳେ ମାଆଙ୍କ ସହ ଶୌଚ ହେବା ପାଇଁ ପୋଖରୀକୁ ଯାଇଥିଲେ ନାବାଳକ ନରେଶ ମହାନ୍ତ । ହଠାତ୍ ଅସାବଧନାତା କରଣରୁ ପୋଖରୀରେ ବୁଡି ଯାଇଥିଲେ। ପୁଅକୁ ବଞ୍ଚାଇବାକୁ ମା' ପୋଖରୀରୁ ପୁଅକୁ ପ୍ରଥମେ ଉଦ୍ଧାର କରିଥିଲେ । ସେହି ମୁର୍ମୁଷ ଅବସ୍ଥାରେ ତାଙ୍କୁ କାନ୍ଧରେ ପକାଇ ମେଡିକାଲ୍ ଆଣିବାକୁ ଦୌଡ଼ିଥିଲେ । ଲଗାଣ ବର୍ଷାରେ ପୋଲ



ଧୋଇଯାଇଥିବାରୁ ଆମ୍ବୁଲାନ୍ସ ଆସି ପାରି ନଥିଲା । ପୁଅକୁ ପ୍ରଥମେ କାନ୍ଧରେ ପକାଇ ଡାକ୍ତରଖାନା ନେଉଥିଲେ ମାଆ । ପରେ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ ପରିବାର ଲୋକେ। କିନ୍ତୁ ଡାକ୍ତରଖାନାରେ ନାବାଳକକୁ ମୃତ ଘୋଷଣା କଲେ ଡାକ୍ତର । ମୃତ ନାବାଳକ ହେଲେ ୧୩ ବର୍ଷର ନରେଶ ମହାନ୍ତ । ପୁଅକୁ ହରାଇ ପୂରା ପରିବାର ଏବେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

### ଚାଉଳ ନାହିଁ, ଜାଳେଣି ନାହିଁ

## ଅଙ୍ଗନବାଡ଼ିରେ ଜଳୁନି ଚୁଲି, ତାତିଲେ ଗ୍ରାମବାସୀ

ମୟୂରଭଞ୍ଜ : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି । ଏଠାରେ ଗତ ଏକ ମାସ ହେବ ରୋଷେଇ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ କେନ୍ଦ୍ରକୁ ଆସୁଥିବା ଶିଶୁମାନେ ରନ୍ଧା ଖାଦ୍ୟରୁ ବଞ୍ଚିତ ହେଉଛନ୍ତି । ସୂଚନା ଅନୁଯାୟୀ, ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଜିକୃତ ୩୦ ଜଣ ଶିଶୁ ପାଠ ପଢୁଥିଲେ ମଧ୍ୟ, ରନ୍ଧା ଖାଦ୍ୟ ନ ମିଳିବାରୁ ବର୍ତ୍ତମାନ କେନ୍ଦ୍ରକୁ କାଁ ଭାଁ ପିଲା ଆସୁଛନ୍ତି । କେନ୍ଦ୍ରରେ ଚାଉଳ ଏବଂ ଜାଳେଣି କାଠ ନ ଥିବାରୁ ରୋଷେଇ ବନ୍ଦ ରହିଥିବା ଜଣାପଡ଼ିଛି । ଫଳରେ ଯେଉଁ ଗୋଟିଏ କି ଦୁଇଜଣ ଶିଶୁ କେନ୍ଦ୍ରକୁ ଆସୁଛନ୍ତି, ସେମାନେ କେବଳ ଶୁଖିଲା ଖାଦ୍ୟ ଖାଇ ଫେରିଯାଉଛନ୍ତି । ଏହି ସମସ୍ୟାକୁ ନେଇ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅଭିଯୋଗ ହୋଇଛି ଯେ, ଅଙ୍ଗନବାଡ଼ି କର୍ମୀ ଜଣକ ସପ୍ତାହରେ ମାତ୍ର ଥରୁଟିଏ କେନ୍ଦ୍ରକୁ ଆସୁଛନ୍ତି । ତାଙ୍କ ଅନୁପସ୍ଥିତିରେ ଅଙ୍ଗନବାଡ଼ିର ହେଲପର ହିଁ କେନ୍ଦ୍ର ଚଳାଉଛନ୍ତି । କର୍ମୀଙ୍କର ଏଭଳି ମନମାନୀ ଏବଂ ଦାୟିତ୍ୱହୀନତାକୁ ସ୍ଥାନୀୟ ଲୋକେ ଦୃଢ଼ ବିରୋଧ କରିଛନ୍ତି । ତେବେ, ଏ ସମ୍ପର୍କରେ ସ୍ଥାନୀୟ ସିଡିପିଓଙ୍କ ପ୍ରତିକ୍ରିୟା ନିଆଯିବାରୁ, ଜଣେ ମାତ୍ର ସିଡିପିଓ ଏତେଗୁଡ଼ିଏ ଅଙ୍ଗନବାଡ଼ି




କେନ୍ଦ୍ରର ତଦାରଖ କରିବା ସମ୍ଭବ ହେଉ ନାହିଁ ବୋଲି ସେ ସଫେଇ ଦେଇଛନ୍ତି । ପ୍ରଶାସନିକ ଅବହେଳା କାରଣରୁ ଗରିବ ପରିବାରର ଛୋଟ ପିଲାମାନେ ସେମାନଙ୍କର ପୌଷ୍ଟିକ ଆହାରରୁ ବଞ୍ଚିତ ହେଉଛନ୍ତି ।

# ପାରାଦୀପ ପୌର ପାଳିକା ପକ୍ଷରୁ ସ୍ୱାୟତ ଶାସନ ଦିବସ ପାଳିତ



ପାରାଦୀପ : ପାରାଦୀପ ପୌର ପାଳିକା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ପୌର ପାଳିକା ପକ୍ଷରୁ ଜୟଦେବ ସଦନ ପରିସରରେ ଏହି ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ନଗରପାଳ ବସନ୍ତ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ପାରାଦୀପ ସହର ଏକ ବିକାଶର ସହର ଏଠାର ଅଧିବାସୀଙ୍କ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପାରାଦୀପ ପୌର ପାଳିକା ନିରନ୍ତର ଉଦ୍ୟମ ଜାରୀ ରଖିଛି । ଏଥି ପାଇଁ ନଗରପାଳ ବସନ୍ତ ବିଶ୍ୱାଳ ଏବଂ ତାଙ୍କ ଟିମ୍ ଏଥି ପାଇଁ ଧନ୍ୟବାଦର ପାତ୍ର । ସମସ୍ତଙ୍କ ସହଯୋଗ ରହିଲେ ପାରାଦୀପ ବନ୍ଦର ଏକ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ସହର ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ପାରାଦୀପ ବନ୍ଦରର ବିକାଶ ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ବହୁବିଧ ଯୋଜନାମାନ କରୁଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନ୍ୟବର ମନ୍ତ୍ରୀ ପୁରସ୍କୃତ କରିବା ସହିତ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପାରାଦୀପର ମନସା ଚାରିଟେବୁଲ୍ ଟ୍ରଷ୍ଟ, ଗ୍ରୀନ୍ ପାରାଦୀପ ଟ୍ରଷ୍ଟ, ମହିଳା କଲ୍ୟାଣ ଟ୍ରଷ୍ଟ ଭଳି ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ପୌରପାଳିକା ପକ୍ଷରୁ ମାନ୍ୟବର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଦିନତମାମ ପୌର ପାଳିକା ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା ।

## ସୋରଡ଼ାରେ ୬୫ ତମ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ



ଗଞ୍ଜାମ, ସୋରଡ଼ା : ସୋରଡ଼ାରେ ଉତ୍ସାହ ଓ ଉଦ୍ଦୀପନାର ସହ ୬୫ ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ବାଙ୍କୀ ଏନ୍‌ଏସି ପକ୍ଷରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା । ସହରର ବିକାଶ, ସ୍ୱଚ୍ଛତା ବ୍ୟବସ୍ଥା ଏବଂ ନାଗରିକମାନଙ୍କୁ ଉତ୍ତମ ସୁବିଧା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସୋରଡ଼ାରେ ଏନ୍‌ଏସି ପକ୍ଷରୁ ୬୫ ତମ ସ୍ୱାୟତ୍ତ ଶାସନ ଦିବସ ସମାରୋହପୂର୍ବକ ପାଳନ କରାଯାଇଛି । ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ଶ୍ରୀଯୁକ୍ତ ନୀଳମଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଭାଗ୍ୟଲତା ଡାକୁଆ ବିଧାୟକ ପ୍ରତିନିଧି ରଜନୀକାନ୍ତ ମହାପାତ୍ର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଉମେଶ ଚନ୍ଦ୍ର ସାହୁ ସମେତ ଏନ୍‌ଏସିର କର୍ମଚାରୀ ଓ ସ୍ଥାନୀୟ ଅତିଥିମାନେ ଉପସ୍ଥିତ ଥିଲେ । ସ୍ୱାୟତ୍ତ ଶାସନ ଦିବସ ଅବସରରେ ସୋରଡ଼ା ସହରର ବିକାଶ, ସ୍ୱଚ୍ଛତା, ସଫେଇ ବ୍ୟବସ୍ଥା ଏବଂ ନାଗରିକ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅତିଥିମାନେ କହିଥିଲେ ଯେ, ନାଗରିକମାନଙ୍କ ସହଭାଗିତା ଓ ସହଯୋଗ ଦ୍ୱାରା ସୋରଡ଼ା କୁ ଏକ ସ୍ୱଚ୍ଛ, ସୁନ୍ଦର ଓ ବିକଶିତ ସହର ଭାବେ ଆଗକୁ ନିଆଯାଇପାରିବ ।ଏଥିସହ ସ୍ଥାନୀୟ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଏବଂ ନାଗରିକମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦିନରେ ଏନ୍‌ଏସି ପକ୍ଷରୁ ବିକାଶମୂଳକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଥିଲା ।୬୫ ତମ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସୋରଡ଼ା ର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ନାଗରିକମାନଙ୍କୁ ଉତ୍ତମ ସୁବିଧା ଯୋଗାଇଦେବାକୁ ପ୍ରାଥମିକତା ଦେବାର ବାର୍ତ୍ତା ଦିଆଯାଆଇଛି ।

## କଲ୍ୟାଣସିଂପୁର ବ୍ଲକ ସଦରମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ରାୟଗଡ/କଲ୍ୟାଣସିଂପୁର : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରାୟଗଡ ଶ୍ରୀ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱମ୍ବର କୁମାର ବେହେରା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ ।

ଆଜି ମୋଟ ୬୩ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୪ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଶିବିରରେ ବିଭିନ୍ନ ସମସ୍ୟା ସମ୍ବଳିତ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସମସ୍ତ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର, କଲ୍ୟାଣସିଂପୁର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଆସିଲା ରେଳ ଦୁର୍ଘଟଣାର ତଥ୍ୟ

## ୨୬ ବର୍ଷରେ ୩,୫୯୪ ମୃତ୍ୟୁ ଓ ୬,୯୦୪ ଆହତ

ନୂଆଦିଲ୍ଲୀ : ଭାରତୀୟ ରେଲୱେରେ ଗତ ଅଢେଇ ଦଶକ ମଧ୍ୟରେ ଦୁର୍ଘଟଣାର ଗତି ଯଦିଓ ଥମିଛି , ହେଲେ ଯେବେ ବି ଟ୍ରାକରୁ ଟ୍ରେନ୍ ଖସିଛି , ସେତେବେଳେ ଅନେକ ଧନଜୀବନ ନଷ୍ଟ ହୋଇଛି । ଇଣ୍ଡିଆ ଟୁଡେ ଗ୍ରୁପ୍ ଦ୍ୱାରା ସୂଚନା ଅଧିକାର (ଆରଟିଆଇ) ଅନୁସାରେ ପ୍ରାପ୍ତ ତଥ୍ୟ ଅନୁସାରେ , ୨୦୦୦ ମସିହାରୁ ନେଇ ଜୁଲାଇ ୨୦୨୬ ଯାଏ ଦେଶରେ ୪୦୦୩ ଟି ବଡ଼ ରେଳ ଦୁର୍ଘଟଣା ରେକର୍ଡ ହୋଇଛି । ଏହି ସବୁ ଦୁର୍ଘଟଣାରେ ଅତି କମରେ ୩,୫୯୪ଜଣ ଲୋକଙ୍କ ଜୀବନ ଯାଇ ଥିବା ବେଳେ ୬,୯୦୦ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି । ତଥ୍ୟରେ ସବୁଠୁ ଚକିତ କରିବା ଭଳି ଦିଗ ଏହା ଯେ, ଦୁର୍ଘଟଣା ସଂଖ୍ୟା କମି ଥିବା ସତ୍ତ୍ୱେ ଭୟଙ୍କର ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ଲଗାତାର ଚିନ୍ତାଜନକ ରହିଛି । ବାସ୍ତବରେ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ଏହା ଠାରୁ ଅଧିକ ହୋଇପାରେ, କାରଣ ରେଲୱେର କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନିକଟରେ ପ୍ରାରମ୍ଭିକ ଚାରି ବର୍ଷର (୨୦୦୦-୦୧ ରୁ ୨୦୦୩-୦୪) ଧନଜୀବନ କ୍ଷତିର ତଥ୍ୟ ଉପଲବ୍ଧ ନାହି । ଏହି ରିପୋର୍ଟ ଦୁଇଟି ବଡ଼ ନିଷ୍କର୍ଷ ଦର୍ଶାଉଛି ଯେ, ଗତ ୨୬ ବର୍ଷରେ ଟ୍ରେନ୍ ଦୁର୍ଘଟଣା ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି , କିନ୍ତୁ ଯେତେବେଳେ ବି କୌଣସି ବଡ଼ ଦୁର୍ଘଟଣା ଘଟିଛି, ସେଥିରେ ପ୍ରଚୁର କ୍ଷତି ହୋଇଛି । ତଥ୍ୟରୁ ଜଣାପଡୁଛି ଯେ, ଦୁର୍ଘଟଣା ସଂଖ୍ୟା କମିବାର ଅର୍ଥ ଏହା ନୁହେଁ ଯେ ମୃତାହତଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ କମିଛି । ସବୁଠାରୁ ଦୁଃଖଦାୟକ ବର୍ଷ୨୦୧୦-୧୧ ଥିଲା ।

## ନବୀନଙ୍କ ୬ ଦିନିଆ ଦିଲ୍ଲୀ ଗସ୍ତ



ଭୁବନେଶ୍ୱର : ୬ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସେ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଦିଲ୍ଲୀ ଗସ୍ତ କରିଥିବା ଦଳୀୟ ନେତାମାନେ ସ୍ପଷ୍ଟ କରିଛନ୍ତି । ନବୀନଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ତାଙ୍କର ଏହି ଗସ୍ତ ପଛରେ ବ୍ୟକ୍ତିଗତ କାରଣ ବ୍ୟତୀତ ଅନ୍ୟ କୌଣସି କାରଣ ନଥିବା ଦଳ ପକ୍ଷରୁ କୁହାଯାଇଛି । ବିଜେଡି ଉପସଭାପତି ଦେବୀ ମିଶ୍ର ଏବଂ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ମଧ୍ୟ ନବୀନଙ୍କ ଗସ୍ତ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବୋଲି ସ୍ପଷ୍ଟ କରିଛନ୍ତି । ଗସ୍ତ ସମୟରେ ନବୀନ କିଛି ବ୍ୟକ୍ତିଗତ କାର୍ଯ୍ୟସୂଚୀ ଶେଷ କରିବେ ।

# ରାୟଗଡ଼ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଆଡ଼ମ୍ବର ସହକାରେ ପାଳିତ




ରାୟଗଡ଼ : ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୪୨୩୭ ତାରିଖ:୨୫.୦୮.୨୦୨୬ ର ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶ୍ରୀ କାଡ୍ରାକା ଆପାଲା ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ରନାଥ କହଁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌରପରିଷଦର ପୌରାଧ୍ୟକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲରବୃନ୍ଦ, ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମରେ ଏଲ୍.ଇ.ଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ସିଧା ପ୍ରସାରଣକୁ ଉପଭୋଗ କରିବା ସହ ସହରାଞ୍ଚଳ ବିକାଶର ନୂତନ ଦିଗ୍ ?ଦର୍ଶନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧିନରେ ଯୋଗ୍ୟ ବିବେଚିତ ହିତାଧିକାରି ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ଥିଲା । ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପସ୍ଥିତ ଜନସାଧାରଣ, ପୌର କର୍ମଚାରି ଏବଂ ଅତିଥି ମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ସହରାଞ୍ଚଳ ନାଗରିକମାନଙ୍କୁ ଉନ୍ନତମାନର ମୌଳିକ ସୁବିଧା ଯୋଗାଇଦେବା ଦିଗରେ ପୌରପରିଷଦ ନିରନ୍ତର କାର୍ଯ୍ୟ କରୁଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମାରୋହରେ ଶୃଙ୍ଖଳା, ପରିମଳ ତଥା ଜଳଯୋଗାଣର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମଟି ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଓ ଆନନ୍ଦଦାୟକ ପରିବେଶ ମଧ୍ୟରେ ସମାପ୍ତ ହୋଇଥିଲା ।

# ସ୍ୱରର ଯାଦୁଗର ପ୍ରଣବ କିଶୋର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି




ଜଗତସିଂହପୁର : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ସ୍ଥିତ ପ୍ରଫୁଲ ପାଠାଗାରରେ ସୁନାମ ଧନ୍ୟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ଏକାଦଶାହ ଦିବସରେ ଶିକ୍ଷାବିତ ରବିନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ସଭାପତି ତଥା ବରିଷ୍ଠ ଆଇନଜୀବି ଶିବ ପ୍ରସାଦ ମାଝୀ, ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ ସଞ୍ଜୟ ସାମନ୍ତ ସିଂହାର,ପ୍ରତାପ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ପ୍ରଣବ କିଶୋର ପଟ୍ଟନାୟକ ଏକାଧାରରେ ଜଣେ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ,ପ୍ରଚ୍ଛଦପଟ ଗାୟକ, ଓଡ଼ିଆ ସଙ୍ଗୀତର ବାଦଶାହ, ସ୍ୱରର ଯାଦୁଗର ଥିଲେ ବୋଲି କହିଥିଲେ। ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଥମ ଚଳଚିତ୍ର 'ମା' ରେ ସେ ପ୍ରଥମେ ଗାଇବାର ସୁଯୋଗ ପାଇଥିଲେ। ଶ୍ରୀଲୋକନାଥ, ସୂର୍ଯ୍ୟମୁଖୀ, ଶେଷ ଶ୍ରାବଣ,ସିନ୍ଦୁର ବିନ୍ଦୁ, ଚିହ୍ନଓ ଅଚିହ୍ନଓ, ବତୀଘର ଆଦି ଚଳଚିତ୍ର ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଥିଲା। ସେ ବେତାର, ଦୂରଦର୍ଶନ ଓ ଆଲବମରେ, ବହୁ ଭଜନ ଓ ଆଧୁନିକ ଗୀତ ଶ୍ରୋତା ମାନଙ୍କୁ ଭେଟି ଦେଇଛନ୍ତି। ଏଥି ସହିତ ଜାତୀୟ ସ୍ତରର ଗୀତିକାର ଓ କଣ୍ଠଶିଳ୍ପୀଙ୍କ ସହିତ କାର୍ଯ୍ୟ କରି ସୁଖ୍ୟାତି ଅର୍ଜନ କରିଥିଲେ ।ତାଙ୍କର ଅତି ଲୋକ ପ୍ରିୟ ଗୀତରେ ଆମ୍ଭ ନ, ମାଝିରେ ମାଝୀରେ,ଏଇ ଜୀବନ ଏକ ନାଟକ, ମା ତୁମେ ଜଗତର ସାହା ଭରସା ଆଦି ତାଙ୍କୁ ଚିର ଦିନ ଅମର କରି ରଖିବ ଏବଂ ତାଙ୍କର ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ କଲୋନୀରେ ଘର କବାଟ ଭାଙ୍ଗି ଚୋରି, ଯୁବକ ଗିରଫ

ବଡ଼ବିଲ : କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ସେଲ୍ କଲୋନୀରେ ଘର ଖାଲି ଥିବାର ସୁଯୋଗ ନେଇ କବାଟ ଭାଙ୍ଗି ଚୋରି ଘଟଣାର ପର୍ଦ୍ଦାଫାସ କରିଛି ବଲାଣି ପଲିସ। ଏହି ଘଟଣାରେ ବଲାଣି



ଅଞ୍ଚଳର ମଣ୍ଟୁ ମୁଣ୍ଡା (୨୦)କୁ ପଲିସ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ ଫୋନ, ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ପଲିସ ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ସେଲ୍ କଲୋନୀର କ୍ୱାଟର ନମ୍ବର ଡବ୍ଲ୍ୟୁ/୪୨୨ରେ ରହୁଥିବା ଦୀପକ କୁମାର ଜେନା ପରିବାର ସହ ଘଟଗାଁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ମଣ୍ଟୁ କବାଟ ଭାଙ୍ଗି ଘରେ ପଶିଥିବା ଅଭିଯୋଗ ହୋଇଛି। ସେଠାରୁ ନଗଦ ୨୧ ହଜାର ଟଙ୍କା ସମେତ ସୁନା ଓ ରୁପା ଗହଣା ଚୋରି କରି ସେ ଫେରାର ହୋଇଯାଇଥିଲା। ସେହିପରି ୨୯ ତାରିଖରେ ସେଲ୍ କଲୋନୀର କ୍ୱାଟର ନମ୍ବର ଡବ୍ଲ୍ୟୁ/୬୮ରେ ରହୁଥିବା ଲିଙ୍ଗରାଜ ମହାନ୍ତ ପରିବାର ସହ ଗାଁକୁ ଯାଇଥିବା ସମୟରେ ମଧ୍ୟ ସମାନ ଢଙ୍ଗରେ କବାଟ ଭାଙ୍ଗି ଘରେ ପଶିଥିବା ଅଭିଯୋଗ ରହିଛି। ଏହି ଘରୁ ସୁନା ମଙ୍ଗଳସୂତ୍ର, କାନଫୁଲ ସହ ରୁପା ଗହଣା ଚୋରି ହୋଇଥିଲା।

# ଖୋଲିଲା ମା' ମଝିଘରିଆଣିଙ୍କ ହୁଣ୍ଡି

## ମିଳିଲା ୫୪ ଲକ୍ଷ ଟଙ୍କା, ବିଦେଶୀ ନୋଟ ସମେତ ସୁନା ଓ ରୂପା

ରାୟଗଡ଼ା : ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇଛି। ମନ୍ଦିରରେ ଥିବା ୯ ଟି ଦାନହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୫୪ ଲକ୍ଷ ୧୫ ହଜାର ୯୦୨ ଟଙ୍କା ସହିତ ୬୪ ଗ୍ରାମ ସୁନା ଓ ୧୭୬୪ ଗ୍ରାମ ରୂପା ବାହାରିଥିବା ଜଣାପଡ଼ିଛି। ଏଥିସହିତ ୬ ଟି ଦେଶର ୧୧ ଟି ବିଦେଶୀ ନୋଟ ଓ ୩ ଟି ମୁଦ୍ରା ମଧ୍ୟ ବାହାରିଛି। ଯେଉଁଥିରେ ରହିଛି ଆମେରିକା, କାନାଡା, ଇଂଲଣ୍ଡ ଓ ୟୁଏଇ ଦେଶର ନୋଟ୍ ଓ ମୁଦ୍ରା। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ସୋମବାର ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା। ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜୁନ ୨୯ ତାରିଖରେ ହୁଣ୍ଡିରୁ ନଗଦ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ସହିତ ୩୦ ଗ୍ରାମ ସୁନା ଓ ୧୩୦୦ ଗ୍ରାମ ରୂପା ବାହାରିଥିଲା। ଏଥିସହ ବିଭିନ୍ନ ପ୍ରକାର ଦେଶର ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ସୂଚନା ଥାଉକି, ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ହେଲେ ଚଳିତଥର ପ୍ରାୟ ୪ ମାସ ପରେ ଖୋଲାଗଲା। ତେବେ ଆଗକୁ ଦଶହରା ଥିବାରୁ ଏହା ପୂର୍ବରୁ ହୁଣ୍ଡି ଖୋଲାଯାଇ ଗଣତି ଶେଷ ହୋଇଛି। ସୋମବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗଚ୍ଛିତ ରଖାଯାଇଛି। ସେହିଭଳି ସୁନା ଓ ରୂପା ଜିଲ୍ଲା କୋଷାଗାରରେ ରଖାଯାଇଛି। ଏହି ଗଣତିରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ହୁଣ୍ଡି ଖୋଲି ଗଣତି ବେଳେ ପୁଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।

# ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ଦାମୋଦର ରଥ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା-୩୧.୦୮.୨୦୨୬ ରିଖ ସୋମବାର ଦିନ ସକାଳ ଘ.୧୧.୦୦ମି ରେ ସ୍ଥାନୀୟ କୁମ୍ଭିକଟା ଗ୍ରାମ ପଞ୍ଚାୟତ ପରିସରରେ ଲୋକ ମାନଙ୍କ ପାଇଁ ସରକାରଙ୍କ ତରଫ ରୁ ଉପଲବ୍ଧ ଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ଓ ସ୍ଥାୟୀ ଲୋକ ଅଦାଲତର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବ୍ଲକ ଅଫିସର W.E.O. ଶ୍ରୀ ମନୋରଞ୍ଜନ




ରାଉତ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ଶ୍ରୀ ସୁକାନ୍ତ ଦାସ, କୁମ୍ଭିକଟା ଗ୍ରାମ ପଞ୍ଚାୟତର ସରପଞ୍ଚ, ପି.ଇ.ଓ, କର୍ମଚାରୀ, ରାୟଗଡା ବ୍ଲକର ବହୁତ ଜେଣ୍ଡର ସି.ଆର୍.ପି ଓ କୁମ୍ଭିକଟା ଗ୍ରାମ ର ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଉପସ୍ଥିତ ଥିବା ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଅଂଶଗ୍ରହଣ କାରୀ ମାନଙ୍କୁ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ସଂପର୍କରେ ବିସ୍ତୃତ ଭାବରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଯୋଜନାରେ ହିତାଧିକାରୀ ମାନେ କିପରି ନିଜକୁ ପଞ୍ଜୀକୃତ କରାଇ ଯୋଜନାର ସୁଫଳ ଉପଲବ୍ଧ କରିପାରିବେ ସେ ସଂପର୍କରେ ଅବଗତ କରାଇଥିଲେ ଓ ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ବିଭିନ୍ନ ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ଉପଲବ୍ଧ ନହେଲେ ତାପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆଇନରେ କଣ କଣ ସୁବିଧା ଅଛି ଓ ସ୍ଥାୟୀ ଲୋକ ଅଦାଲତର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅଂଶଗ୍ରହଣ କାରୀ ମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀ, ଜେଣ୍ଡର ସି.ଆର୍.ପି ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ସାଂସ୍କୃତିକ ଦଳ



ଛତ୍ରପୁର : ଗଞ୍ଜାମ ଜିଲ୍ଲାର ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ମଙ୍ଗଳବାର ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଞ୍ଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ କଳା ପ୍ରଦର୍ଶନରେ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ, ବ୍ରହ୍ମପୁରର ସଂରଚନା ଗ୍ରୁପ, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର କଳାକାର ଦିଲ୍ଲୀ ଗସ୍ତ କରିଥିଲେ।

କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ରାଷ୍ଟ୍ରପତି କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି । ରାଷ୍ଟ୍ରପତି ଭବନ ପରିଦର୍ଶନ, ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି । ଏହି ପ୍ରତିନିଧି ଦଳ ସହିତ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

### ବାରବାଙ୍କ ଘାଟିରେ ପୁଣି ଭୂସ୍ଖଳନ

## ମାଟି ଅତଡ଼ା ଖସି ୩୩ କେଭି ଖୁଣ୍ଟ ଉପୁଡ଼ିଲା; ରାଜପଥର ଗୋଟିଏ ଲେନ୍ ବନ୍ଦ

ବଡ଼ବିଲ : କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କ ଘାଟିରେ ପୁଣି ଭୂସ୍ଖଳନ ଘଟିଛି। ମଙ୍ଗଳବାର ରାତି ପ୍ରାୟ ୧୨ରୁ୨ଟା ସମୟରେ ଲଗାଣ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରୁ ମାଟି ଅତଡ଼ା ଖସିବା ସହ ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଏଥିଯୋଗୁଁ ରାଜପଥର ଗୋଟିଏ ଲେନ୍ ?ରେ ମାଟି ଓ ଆବର୍ଜନା ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରୁଗୁଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷା ଦୃଷ୍ଟିରୁ ରାଜପଥର ଗୋଟିଏ ଲେନ୍ ?କୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲା। ଏଥିସହ ଯାତାୟାତ ନିୟନ୍ତ୍ରଣ କରାଯିବା ସହ ଘଟଣା ସମ୍ପର୍କରେ ବିଦ୍ୟୁତ ବିଭାଗ ଓ ଏନ୍‌ଏଚ୍‌ଆଇକୁ ଅବଗତ କରାଯାଇଥିଲା। ବୁଧବାର ସକାଳୁ ଏନ୍‌ଏଚ୍‌ଏଆଇ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାଟି ଅତଡ଼ା ହଟାଇବା ସହ ରାଜପଥ ସଫେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉପୁଡ଼ି ପଡ଼ିଥିବା ୩୩ କେଭି ବିଦ୍ୟୁତ ଖୁଣ୍ଟର ମରାମତି ଓ ପୁନଃସ୍ଥାପନ ପାଇଁ ମଧ୍ୟ କାର୍ଯ୍ୟ ଜାରି ରହିଛି।





ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ଯୋଗୁଁ ରୁଗୁଡ଼ି ଅଞ୍ଚଳର ବିଭିନ୍ନ ଶିଳ୍ପ ସଂସ୍ଥାରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଏହାର ପ୍ରଭାବରେ ଶିଳ୍ପାଞ୍ଚଳର ସ୍ୱାଭାବିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ପ୍ରାୟ ୧୮ ଘଣ୍ଟା ସମୟ ଲାଗିପାରେ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ, ବାରବାଙ୍କ ଘାଟିରେ ବାରମ୍ବାର ଭୂସ୍ଖଳନ ଘଟୁଥିବାରୁ ରାଜପଥରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ପାହାଡ଼ ଢାଲର ସ୍ଥିରତା, ଜଳ ନିଷ୍କାସନ ବ୍ୟବସ୍ଥା ଓ ରାଜପଥର ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଭୂସ୍ଖଳନର ପ୍ରକୃତ କାରଣ ଓ ସମ୍ଭାବ୍ୟ ବିପଦ ଆକଳନ ପାଇଁ ବଡ଼ବିଲ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ବନ ବିଭାଗ, ମୃତ୍ତିକା ନିରୀକ୍ଷଣ ଟିମ୍ ?, ତହସିଲଦାର ଓ ସମ୍ପୃକ୍ତ ବିଭାଗକୁ ନେଇ ମିଳିତ ଉପଖଣ୍ଡସ୍ତରୀୟ ଯାଞ୍ଚ କରାଯିବ। ଯାଞ୍ଚ ପରେ ଭୂସ୍ଖଳନର କାରଣ ଚିହ୍ନଟ ସହ ରାଜପଥର ସୁରକ୍ଷା ଓ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ ହେବ।

ଲଗାଣ ବର୍ଷା ଜାରି ରହିଲେ ପୁଣି ଭୂସ୍ଖଳନର ଆଶଙ୍କା ଥିବାରୁ ରାଜପଥରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ପାଇଁ ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

## ଇଫକୋ ଓ କୋରଡେଟ୍ ପାରାଦୀପ ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର



ପାରାଦୀପ : ପାରାଦୀପଠାରେ ଥିବା ବିଶ୍ୱସ୍ତରୀୟ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ସ୍ୱର୍ଣ୍ଣ ଜୟନ୍ତୀ ସଭାଗାର ପରିସରରେ କୋରଡେଟ୍ ସହଭାଗିତାରେ ଏକଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରୁ ଶତାଧିକ ପ୍ରଗତିଶୀଳ ପୁରୁଷ ଓ ମହିଳା ଏହି ଶିବିରରେ ଯୋଗ ଦେଇଥିଲେ । ଇଫକୋର ୟୁନିଟ୍ ହେଡ୍ ଅନିରୁଦ୍ଧ ସିଂହ ଏହି ଦିନିକିଆ ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ସୋଆ ବିଶ୍ୱବିଦ୍ୟାଳୟର ସିଆଇବିଆର ନିର୍ଦ୍ଦେଶକ ପ୍ରଫେସର ଡଃ. ଏଚ୍.ଏନ୍.ଥାଟୋଇ, ଜେନେରାଲ ମ୍ୟାନେଜର (ପୋର୍ଟ ଆଣ୍ଡ ଲଜିଷ୍ଟିକ) ବୀର କିଶୋର ମିଶ୍ର, ଡି.ଜି.ଏମ୍ (ପି ଆଣ୍ଡଏ) ବିଜୟ କୁମାର ପରିଡା, କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ, ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଯୋଗ ଦେଇ ଥିଲେ । ଇଫକୋର ନାନୋ ସାରର ଗୁରୁତ୍ୱ ଏବଂ ସ୍ଥାୟୀ, ପରିବେଶ ଅନୁକୂଳ ଓ ଜଳବାୟୁ-ସହନଶୀଳ କୃଷି କ୍ଷେତ୍ରରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଥିବା ନେଇ କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ ସ୍ୱାଗତ ଭାଷଣରେ ଉଲ୍ଲେଖ କରିଥିଲେ। ଇଫକୋର ନାନୋ ସାରର ଆଜି ସମଗ୍ର ଦେଶରେ କୃଷି ଓ କୃଷକମାନଙ୍କର ପ୍ରଥମ ପସନ୍ଦ ଭାବେ ଉଭା ହୋଇଥିବା ନେଇ ଇଫକୋ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ ଆଲୋକପାତ କରିଥିଲେ। ଶେଷରେ ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଶିରାର୍ଥୀମାନଙ୍କୁ ଇଫକୋ ପ୍ଲାଣ୍ଟ□ ପରିଦର୍ଶନ କରିଥିଲେ।

## ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ପୁରୋହିତଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ : ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ୧୯୯୬ ବ୍ୟାଚ୍‌ର ଆଇଆରଏସଇଇ ଅଧିକାରୀ ସୁଶାନ୍ତ କୁମାର ପୁରୋହିତ ମଙ୍ଗଳବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭି.ଓ. ଚିଦାମ୍ବରମ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ପୁରୋହିତ ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବାକୁ କେନ୍ଦ୍ର ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଦାନ କରାଯାଇଛି । ଭାରତୀୟ ରେଳ ବୈଦ୍ୟୁତି ଯନ୍ତ୍ରୀ (ଆଇଆରଏସଇଇ ) ଶ୍ରୀ ପୁରୋହିତ ପ୍ରଶାସକ, ଯନ୍ତ୍ରୀ ଓ ଭିତିଭୂମି ବିକାଶ କ୍ଷେତ୍ରରେ ବିପୁଳ ଅଭିଜ୍ଞତା ରହିଛି । ଏହା ପୂର୍ବରୁ ଶ୍ରୀ ପୁରୋହିତ ଭାରତ ସରକାରଙ୍କ କେମିକାଲ, ପେଟ୍ରୋକେମିକାଲ ବିଭାଗରେ ଯୁଗ୍ମ ସଚୀବ ଭାବେ କାର୍ଯ୍ୟ କରିବା ସହିତ ଭାରତୀୟ ରେଳବାଇ, ଓଡ଼ିଶା ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହି ଭଳି ବିଭିନ୍ନ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଥିବା ଶ୍ରୀ ପୁରୋହିତଙ୍କ ନେତୃତ୍ୱରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଦାୟିତ୍ୱ ସହିତ ଭି.ଓ. ଚିଦାମ୍ବରମ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ପାରାଦୀପ ବନ୍ଦରକୁ ଅଧିକ ଶକ୍ତିଶାଳୀ କରିବା ସହିତ ଯୋଗାଯୋଗ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେବେ । ପାରାଦୀପ ବନ୍ଦର ଶ୍ରୀ ପୁରୋହିତଙ୍କ ଅଭିଜ୍ଞତା, ଅନୁଭୂତିକୁ ପାଥେୟ କରି ଭାରତୀୟ ନୌବାଣିଜ୍ୟର ବିକାଶ ସହିତ ବିକଶିତ ଭାରତ କାର୍ଯ୍ୟକ୍ରମରେ ସହାୟକ ହେବ । ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଶାସନିକ ଭବନରେ ସିଆଇଏସଏଫ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍ ପରିସରରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ, ସଚୀବ ବାପି କ୍ରୀଷ୍ଣା ରାଜୁଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଅଧିକାରୀମାନେ ଶ୍ରୀ ପୁରୋହିତଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

# ଜଗତସିଂହପୁରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଠାରେ ପୌର ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ବିଧାୟକ, କୋରେଇ ଆକାଶ ଦାସନାୟକ କହିଲେ ଯେ ୨୦୦୧ ରୁ ଆରମ୍ଭ ହୋଇଥିବା ଜଗତସିଂହପୁର ପୌର ପରିଷଦ ଆଜି ୨୫ ବର୍ଷରେ ପଦାର୍ପଣ କରିଛି। ତେଣୁ ସମସ୍ତଙ୍କର ମିଳିତ ସହଯୋଗରେ ସରକାରଙ୍କ ଜନ କଲ୍ୟାଣ ଯୋଜନା ଦ୍ୱାରା ଏକ ଆଦର୍ଶ ପୌରପରିଷଦରେ ପରିଣତ ହୋଇ ପାରିବ ବୋଲି ସେ ଦୃଢୋକ୍ତି ବାଢ଼ିଥିଲେ। ଭୌଗୋଳିକ ଦୃଷ୍ଟି କୋଣରୁ ଜଗତସିଂହପୁର ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଓ ଆଗାମୀ ଦିନରେ ଏହା କେବଳ ଓଡିଶାରେ ନୁହେଁ ବରଂ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ସେ କହିଥିଲେ।ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ଅମରେନ୍ଦ୍ର ଦାସ କହିଲେ ଯେ, ସ୍ୱାୟତ୍ତ ଶାସନର ଅର୍ଥ ହେଉଛି ଲୋକମାନଙ୍କ ଦ୍ୱାରା ପ୍ରତ୍ୟେକ୍ଷ ନିର୍ବାଚିତ ପ୍ରତିନିଧି ବିନା କୌଣସି ବାହ୍ୟ ଚାପରେ ଲୋକଙ୍କ ହିତ ପାଇଁ କାମ କରିବା। ଆଗାମୀ ଦିନରେ ଆଇନଗତ ସ୍ୱଚ୍ଛ ଓ ପରିମଳ ଜଗତସିଂହପୁର ଗଠନ ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର୍ ରାୟ ଯୋଗଦେଇ ସ୍ୱଚ୍ଛ ମାନସିକତା ହିଁ ସ୍ୱଚ୍ଛ ସମାଜ ଗଠନରେ ସହାୟକ ବୋଲି କହିଥିଲେ।ପୌରାଞ୍ଚଳର ପରିବେଶକୁ ସୁସ୍ଥ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ।ସଭାରେ ଅଧ୍ୟକ୍ଷତା କରି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ପୌର ପରିଷଦର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ବିଷୟରେ କହିଥିଲେ । ଆଗକୁ ସରକାରଙ୍କର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରି ନୂତନ ପ୍ରୋଜେକ୍ଟ ମାଧ୍ୟମରେ ଏକ ସ୍ମାର୍ଟ ପୌରାଞ୍ଚଳ ଗଠନ ଓ ବିକାଶର ଶୀର୍ଷରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବାକୁ ସେ ସମସ୍ତ ପୌର ବାସୀଙ୍କ ସହଯୋଗ କାମନା କରିଥିଲେ।ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବର୍ତ୍ତମାନର ସମସ୍ତ ପାରିଷଦ ମାନଙ୍କୁ ଅତିଥି ବୃନ୍ଦ ଏବଂ ପୌରାଧ୍ୟକ୍ଷା ସମ୍ମାନିତ କରିଥିଲେ।

# ବିଡିଏ ପ୍ରତିଷ୍ଠା ଦିବସ, ଲୋକଙ୍କୁ ହଇରାଣ ନ କରିବାକୁ କର୍ମଚାରୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ତାଗିଦ

ଭୁବନେଶ୍ୱର : ବିଡିଏର ୪୪ ତମ ପ୍ରତିଷ୍ଠା ଦିବସରେ କଡା ଆଭିମୁଖ୍ୟ ଦେଖାଇଲେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଘର ପ୍ଲାନ ପାଇଁ ଦୁଇ ବର୍ଷ ଲଗାଅନ୍ତୁ ନାହିଁ, ଲୋକଙ୍କୁ ଦୌଡାନ୍ତୁ ନାହିଁ ବୋଲି ବିଡିଏ କର୍ମଚାରୀ ଓ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଏଥିସହ ବିଡିଏର ସବୁଠୁ ବଡ ହାଉସିଂ ପ୍ରୋଜେକ୍ଟର ଲୋକାର୍ପଣ କରିଛନ୍ତି। ବିଡିଏର ୪୪ ତମ ପ୍ରତିଷ୍ଠା ଦିବସରେ ମନ୍ତ୍ରୀ କର୍ମଚାରୀଙ୍କୁ କହିଛନ୍ତି ଯେ ଘର ତିଆରି ପ୍ଲାନିଙ୍ଗ ଦେବାକୁ ୨ ବର୍ଷ ସମୟ ନିଅନାହିଁ। ଲୋକଙ୍କୁ ହଇରାଣ କରନ୍ତୁ ନାହିଁ। ତୁରନ୍ତ ଫାଇଲ କ୍ଲିୟର କର। ଯିଏ ଦୁଷ୍ଟ ହେବ ସିଏ ଶାସ୍ତି ପାଇବ। ଭଲ କାମ କରିବା ବାଲାଙ୍କୁ ଆଦର ଓ ଦୁଷ୍ଟଙ୍କୁ ପ୍ରହାର ହେବ । ଯଦି ମୁମ୍ବାଇରେ ୧୦୦ ଓ ୧୪୦ ଦିନ ମିଶନ ମୋଡରେ କାମ୍ ହୋଇ ପାରୁଛି। ଭୁବନେଶ୍ୱରରେ କାହିଁକି ହେବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ବିଡ଼ିଏର ଗୋଟେ ଟିମ୍ ମୁମ୍ବାଇ ଯିବ । ବିଡ଼ିଏ ଭିସି ବି ଯିବେ। ଟିମ୍ ତର୍ଜମା କରିବ ଶିଖିବ ବୋଲି ଆଜି ପ୍ରତିଷ୍ଠା ଦିବସରେ କହିଛନ୍ତି ମନ୍ତ୍ରୀ। ସେପଟେ



ବିଡ଼ିଏର ଏକାମ୍ର ରେସିଡେନ୍ସି ପ୍ରୋଜେକ୍ଟ ଲୋକାର୍ପଣ କରାଯାଇଛି । ସୁବୁଦ୍ଧିପୁରରେ ୭.୩୬ ଏକର ଜାଗାରେ ୩ଟି ଅତ୍ୟାଧୁନିକ B+G+୧୨ ଟାୱାର ନିର୍ମାଣ ହୋଇଛି। ଏଥିରେ ଅଛି ମୋଟ ୭୦୪ଟି ଫ୍ଲାଟ। ସେଥିମଧ୍ୟରୁ ୪୧୬ଟି 2BHK ଏବଂ ୨୮୮ଟି ୩ଇଐକ । ସୁଇମିଂ ପୁଲ୍, ଜିମ୍, କମ୍ୟୁନିଟି ହଲ୍, ଜଗିଂ ଟ୍ରାକ୍, ବେସମେଣ୍ଟ ପାର୍କିଂ, ଉଉଞ୍ଚଠ ଭଳି ପ୍ରିମିୟମ୍ ସୁବିଧା ରହିଛି। ବଡ଼ କଥା ହେଉଛି ଏହି ୧୨ ମହଲା କୋଠା ହେଉଛି ଭୂମିକମ୍ପ ନିରୋଧୀ। ଖୁବ୍ ଶୀଘ୍ର ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ।ଏକାମ୍ର ରେସିଡେନ୍ସି ସାଧାରଣ ଲୋକଙ୍କ ସ୍ୱପ୍ନ ପୂରଣ କରିବ, ସୁନ୍ଦର ଭୁବନେଶ୍ୱର ପାଇଁ ବିଡିଏର ପ୍ରତିବଦ୍ଧତା ଅଛି ବୋଲି କହିଛନ୍ତି ମନ୍ତ୍ରୀ। ଆଜି କେବଳ ଏକାମ୍ର ରେସିଡେନ୍ସି ନୁହେଁ, ବିଡିଏର ଭବିଷ୍ୟତ ରୋଡ୍ ମ୍ୟାପ୍ ମଧ୍ୟ ସାମ୍ନାକୁ ଆସିଛି। ୪୪ ବର୍ଷରେ ବିଡିଏ କେବଳ ଫାଇଲ୍ ସାଇନ୍ କରୁନି, ବରଂ ସୁନ୍ଦର, ସଶକ୍ତ ଏବଂ ଯୋଜନାବଦ୍ଧ ଭୁବନେଶ୍ୱର ଗଢିବାରେ ଲାଗିଛି। ବିଡିଏ ଅଧୀନରେ ଅଛି ୫୬୮ଟି ରାଜସ୍ୱ ଗ୍ରାମ। ନୂଆ ଭୁବନେଶ୍ୱର ଗଢିବା ପାଇଁ ଦୁଇଟି ବଡ ସ୍କିମ୍ ଆସୁଛି - ନ୍ୟୁ ସିଟି ଏବଂ ବିଟିସି। ୭୮୮ ଏକର ଜମିରେ ନ୍ୟୁ ସିଟି ଠିଆ ହେବ। ଏହାଛଡା ୪୫ଟି ଛୋଟ ସ୍କିମ୍ ୧୫୯୬ ଏକର ଜମିରେ ଚାଲିଛି। ପିପିପି ମୋଡରେ ଐକ୍ଟଙ୍କଗ୍ପସଭଣ ଲକ୍ଟକ୍ସ ଇକ୍ଷକ୍ଷ ସ୍କିମ୍ ମଧ୍ୟ ଆରମ୍ଭ ହେବ।ବିଡିଏ ଅଫିସକୁ ଆଉ ଦୌଡିବେ ନାହିଁ ଲୋକେ। ଆମର ଲକ୍ଷ୍ୟ ହେଉଛି ଜଣେ ବି ଷ୍ଟେକ୍ ହୋଲ୍ଡର ଅଫିସକୁ ଆସିବେ ନାହିଁ। ସବୁ ଅନଲାଇନ୍ ହେବ। ଆଖପାଖ ରାଜ୍ୟ ଆମକୁ ଅନୁସରଣ କରିବେ। ୪୫ ଦିନରେ ପ୍ଲାନ୍ ଆପ୍ରୁଭାଲ୍ ହେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ।

# ଖାପ୍ ପଞ୍ଚାୟତରେ ମାଡ଼ ପରେ ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି : ମାଲକାନଗିରିରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର MV ୯୨ ଗ୍ରାମରେ ଏକ ଖାପ୍ ପଞ୍ଚାୟତର ବୈଠକରେ ଜଣେ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ମୋଟା ଅଙ୍କର ଜରିମାନା ଲଗାଯାଇଛି । ପରେ ଯୁବକ ଜଣକ ଆତ୍ମହତ୍ୟା କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗ୍ରାମର ସାଗର ସରକାର ନାମକ ଜଣେ ୨୨ ବର୍ଷୀୟ ଯୁବକ ଗତ କିଛି ଦିନ ପୂର୍ବେ ଆନ୍ଧ୍ର ପ୍ରଦେଶରେ କାମ କରିବା ସମୟରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ନିଜ ଗାଁକୁ ଆଣିଥିଲେ ।



# ଛାତ୍ର ଆନ୍ଦୋଳନ ସମ୍ପର୍କିତ ୧୨୯ଟି ଏତଲା ରଦ୍ଦ କଲେ ସୁପ୍ରିମକୋର୍ଟ

**▶ସରକାରଙ୍କ ପ୍ରତିଶ୍ରୁତି ପରେ ଛାତ୍ରଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି**

**▶ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବେ ସରକାର**

**▶ସେପ୍ଟେମ୍ବର ୫ର ପ୍ରସ୍ତାବିତ ରାଲି ବାତିଲ, ଆନ୍ଦୋଳନରେ ପଡ଼ିଲା ପୂର୍ଣ୍ଣଚ୍ଛେଦ**

ନୂଆଦିଲ୍ଲୀ : ଦିଲ୍ଲୀର ଜନ୍ତରମନ୍ତରରେ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। 'କକରୋଚ୍ ମୁଭମେଣ୍ଟ' ସମୟରେ ଦିଲ୍ଲୀ ସମେତ ୪ଟି ରାଜ୍ୟରେ ଛାତ୍ରମାନଙ୍କ ବିରୋଧରେ ରୁଜୁ ହୋଇଥିବା ମୋଟ ୧୨୯ଟି ଏଫଆଇଆରକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ମଙ୍ଗଳବାର, ସେପ୍ଟେମ୍ବର ୧ ତାରିଖରେ ସରକାରଙ୍କ ଅନୁରୋଧକ୍ରମେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ ପ୍ରୟୋଗ କରି ଏହି ମାମଲାଗୁଡ଼ିକୁ ରଦ୍ଦ କରିଛନ୍ତି ।ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ରାୟ ଶୁଣାଇ କହିଛନ୍ତି ଯେ, ଏହି ଏଫଆଇଆରଗୁଡ଼ିକ ଏବେ ଇତିହାସ। ଏହା ଉପରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ଜୁଲାଇ ୨୫ ତାରିଖରେ ସରକାର 'କକରୋଚ୍ ଜନତା ପାର୍ଟି' ସହ ଏକ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆନ୍ଦୋଳନ ପ୍ରତ୍ୟାହାର କରାଯାଏ, ତେବେ ଛାତ୍ରମାନଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ଫେରାଇ ନିଆଯିବ ବୋଲି ସରକାର କହିଥିଲେ। ପ୍ରଥମେ ଦିଲ୍ଲୀର ଏଫଆଇଆର ସମ୍ପର୍କିତ ତାଲିକା ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା।



ଏହାପରେ ବିହାର, ମହାରାଷ୍ଟ୍ର, ଆସାମ ଓ ପଶ୍ଚିମବଙ୍ଗ ସରକାର ମଧ୍ୟ ମାମଲା ପ୍ରତ୍ୟାହାର ପାଇଁ ଆବେଦନ କରିଥିଲେ। ଏହି ୪ଟି ରାଜ୍ୟରେ ମଧ୍ୟ ଛାତ୍ର ଆନ୍ଦୋଳନକୁ ନେଇ ଏଫଆଇଆର ରୁଜୁ ହୋଇଥିଲା। ସମସ୍ତ ରାଜ୍ୟକୁ ମିଶାଇ ମୋଟ ୧୨୯ଟି ଏତଲା ରଦ୍ଦ କରାଯାଇଛି।

ତେବେ ମାମଲା ଏଠାରେ ସରିନାହିଁ। ଦିଲ୍ଲୀ ପୋଲିସ ପକ୍ଷରୁ ଶାରୀରିକ ଆଘାତ ଓ ସରକାରୀ/ ସାର୍ବଜନୀନ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ୨୮୭୩ ଜଣଙ୍କ ବିରୋଧରେ ନୂଆ ଏତଲା ରୁଜୁ କରିବା ପ୍ରସଙ୍ଗ ଉଠିଛି। ଏନେଇ ୪ଟି ରାଜ୍ୟ ମଧ୍ୟ ସମାନ ପ୍ରକାର ଆବେଦନ କରିଛନ୍ତି। ସୁପ୍ରିମକୋର୍ଟ ସଲିସିଟର ଜେନେରାଲଙ୍କୁ ଆବେଦନର ପଞ୍ଚମ ପାରା ପଢ଼ିବାକୁ କହିଥିଲେ। ଏଥିରେ ଭବିଷ୍ୟତରେ ନୂଆ ଏତଲା ନ କରିବା ଏବଂ ୨୮୭୩ ଜଣଙ୍କ ବିରୋଧରେ ଥିବା ନୂଆ ଏତଲା ସମ୍ପର୍କିତ ବିଷୟ ଉଲ୍ଲେଖ ଥିବା କୁହାଯାଇଛି। ଏହି ପ୍ରସଙ୍ଗକୁ ନେଇ କିଛି ଆଇନଜୀବୀ ବିରୋଧ ମଧ୍ୟ କରିଥିଲେ। ସେମାନେ କହିଥିଲେ ଯେ, ଏହି ୨୮୭୩ ଜଣଙ୍କ ସମ୍ପୂର୍ଣ୍ଣ ବିବରଣୀ କୋର୍ଟରେ ଦାଖଲ କରାଯିବା ଆବଶ୍ୟକ।

ଆନ୍ଦୋଳନ ସମୟରେ ମୃତ୍ୟୁବରଣ କରିଥିବା ଛାତ୍ରମାନଙ୍କ ପରିବାରକୁ କ୍ଷତିପୂରଣ ଦେବା ନେଇ ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ସଲିସିଟର ଜେନେରାଲ କହିଥିଲେ ଯେ, ସରକାର ଏହି ପ୍ରତିଶ୍ରୁତିରେ ଏବେ ମଧ୍ୟ ଅଟଳ ରହିଛନ୍ତି। କେବଳ କ୍ଷତିପୂରଣ ଦେବାର ପ୍ରକ୍ରିୟା ଓ ନିୟମାବଳୀ ନିର୍ଦ୍ଧାରଣ କରିବା ବାକି ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ମାସ ସମୟ ମଗାଯାଇଛି। ଏହି ସମୟ ମଧ୍ୟରେ କ୍ଷତିପୂରଣ ପ୍ରଦାନର ପଦ୍ଧତି ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି।

ସୁପ୍ରିମକୋର୍ଟଙ୍କ ରାୟ ପରେ 'କକରୋଚ୍ ଜନତା ପାର୍ଟି'ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ପ୍ରସ୍ତାବିତ ପ୍ରଦର୍ଶନକୁ ବାତିଲ କରାଯାଇଛି। ଅର୍ଥାତ୍, ସରକାରଙ୍କ ପ୍ରତିଶ୍ରୁତି ପୂରଣ ଓ ସୁପ୍ରିମକୋର୍ଟଙ୍କ ରାୟ ପରେ ଛାତ୍ର ଆନ୍ଦୋଳନକୁ ନେଇ ଚାଲିଥିବା ଚର୍ଚ୍ଚାରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିବାର ଆଶା ସୃଷ୍ଟି ହୋଇଛି। ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ମଧ୍ୟ କହିଛନ୍ତି, ଯଦି ଉଭୟ ପକ୍ଷ ପ୍ରସ୍ତୁତ ଥାଆନ୍ତି, ତେବେ କୌଣସି ମାମଲାର ସମାଧାନ ସମ୍ଭବ।

# ଆଇଜିବିସି ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍ ପାଇଲା ଓଡ଼ିଶା ଲୋକଭବନ

ଭୁବନେଶ୍ୱର : ଓଡ଼ିଶା ଲୋକଭବନ ହାସଲ କରିଛି ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ର ସମ୍ମାନଜନକ ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍ । ଭାରତର ପ୍ରଥମ ଲୋକଭବନ ଭାବେ ଏହି ମାନ୍ୟତା ହାସଲ କରିଛି ଓଡ଼ିଶା ଲୋକଭବନ। ଓଡ଼ିଶାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଲୋକଭବନକୁ ଓ GBC ଗ୍ରୀନ୍ କ୍ୟାମ୍ପସ୍ ରେଟିଂ ବ୍ୟବସ୍ଥା ଅଧୀନରେ ଏହି ସାର୍ଟିଫିକେସନ୍ ମିଳିଛି। ଲୋକଭବନ କ୍ୟାମ୍ପସ୍ ୧୦୦ରୁ ୮୮ ଅଙ୍କ ହାସଲ କରି ଓଏଇଉର ସର୍ବୋଚ୍ଚ ପ୍ଲାଟିନମ୍ ବର୍ଗରେ ସ୍ଥାନ ପାଇଛି। ଏହି ମାନ୍ୟତା ସ୍ଥାୟୀ ଶାସନ ଭିତ୍ତିଭୂମି ଏବଂ ଜଳବାୟୁ ପ୍ରତିକ୍ରିୟାଶୀଳ ସାର୍ବଜନୀନ ପ୍ରତିଷ୍ଠାନ ଗଠନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କ୍ୟାମ୍ପସ୍ ଯୋଜନା, ଭିତ୍ତିଭୂମି ଓ ଦୈନନ୍ଦିନ କାର୍ଯ୍ୟରେ ସ୍ଥାୟୀତ୍ୱକୁ ସମନ୍ୱିତ କରିଥିବାରୁ ଲୋକଭବନକୁ ଏହି ସମ୍ମାନ ମିଳିଛି। ଲୋକଭବନ କ୍ୟାମ୍ପସ୍ ଶକ୍ତି-ଦକ୍ଷ ପ୍ରଣାଳୀ, ନବୀକରଣୀୟ ଶକ୍ତିର ବ୍ୟବହାର, ଜଳ ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା,



ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା, ସ୍ଥାୟୀ ଗତିଶୀଳତା ଏବଂ ବାସିନ୍ଦାଙ୍କ କଲ୍ୟାଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସଫଳତାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଖୁସି ପ୍ରକଟ କରି କହିଛନ୍ତି, ମୁଁ ଦେଖିବାକୁ ଚାହୁଁଛି, ଓଡିଶାର ସବୁ ବିଶ୍ୱ ବିଦ୍ୟାଳୟ ଗ୍ରୀନ କ୍ୟାମ୍ପସ ହେଉ। ହଜାର ହଜାର ଛାତ୍ରଛାତ୍ରୀ କ୍ୟାମ୍ପସ ଗୁଡିକରେ ପଢୁଛନ୍ତି, ସେମାନେ ଏହାଦ୍ୱାରା ଅନୁପ୍ରାଣିତ ହୋଇ, ଏହାକୁ ଅନୁପାଳନ କରିବେ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି ।

ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି । ସେ କହିଛନ୍ତି, ଲୋକଭବନର ଏହି ସ୍ୱୀକୃତି ଆଗାମୀ ଦିନରେ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସରକାରୀ କୋଠାବାଡ଼ିଗୁଡ଼ିକ ପାଇଁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ସରକାର ନିର୍ମାଣ କରିବାକୁ ଥିବା ହସ୍ପିଟାଲ, ସ୍କୁଲ୍ ଏବଂ ଅନ୍ୟାନ୍ୟ ସରକାରୀ ଭବନଗୁଡ଼ିକରେ ଗ୍ରୀନ୍ ବିଲ୍ଡିଂ ମାନଦଣ୍ଡକୁ ଗୁରୁତ୍ୱ ଦେବା ସହ ଏଭଳି ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି । ଲୋକଭବନର ଏହି ସଫଳତା ରାଜ୍ୟରେ ପରିବେଶ ଅନୁକୂଳ, ଶକ୍ତି-ଦକ୍ଷ ଓ ସ୍ଥାୟୀ ସରକାରୀ ଭିତ୍ତିଭୂମି ନିର୍ମାଣ ପାଇଁ ଏକ ନୂଆ ଦିଗ ଦେଖାଇଛି ।

## ଓଡ଼ିଶାକୁ ନିବେଶ ଟାଣିବାକୁ ଦୁବାଇରେ ଇନଭେଷ୍ଟର୍ସ ମିଟ୍

# ୮ରେ ଦୁବାଇ ଗସ୍ତ କରିବ ଓଡ଼ିଶା ଟିମ୍

ଭୁବନେଶ୍ୱର : ଓଡ଼ିଶାକୁ ଅଧିକରୁ ଅଧିକ ବିଦେଶୀ ନିବେଶ ଆଣିବା ଲକ୍ଷ୍ୟରେ ସେପଟ୍ଟେମ୍ବର ୮ରୁ ଦୁବାଇ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶାରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଦୁବାଇ ଗସ୍ତ କରିବ । ଦୁବାଇରେ ଆୟୋଜିତ ଇନଭେଷ୍ଟର୍ସ ମିଟ୍‌ରେ ଯୋଗଦେଇ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ । ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଦୁବାଇରେ ଇନଭେଷ୍ଟର୍ସ ମିଟ୍ ସହ ରୋଡ୍ ଶୋ ମଧ୍ୟ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଉପଲବ୍ଧ ନିବେଶ ସୁଯୋଗ, ଶିଳ୍ପ ଭିତ୍ତିଭୂମି ଓ ସରକାରଙ୍କ ନିବେଶ ଅନୁକୂଳ ନୀତି ସମ୍ପର୍କରେ ନିବେଶକଙ୍କୁ ଅବଗତ କରାଯିବ । ବିଶେଷକରି ଧାତୁ, ପେଟ୍ରୋକେମିକାଲ୍, ସବୁଜ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ, ଇଲେକ୍ଟ୍ରୋନିକ୍ସ, ବନ୍ଦର ଓ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ନିବେଶ ସମ୍ଭାବନା ନେଇ ଆଲୋଚନା ହେବ । ନୂଆ ଶିଳ୍ପ ସ୍ଥାପନ ସହ ରାଜ୍ୟରେ ବ୍ୟାପକ ରୋଜଗାର ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଏହାସହ ଦୁବାଇରେ



ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିବେ । ସେମାନଙ୍କ ସହ ଓଡ଼ିଶାର ବିକାଶ, ଶିଳ୍ପ ଓ ନିବେଶ ସୁଯୋଗ ସମ୍ପର୍କରେ ଭାବ ବିନିମୟ କରାଯିବ । ଗତ କିଛି ଦିନ ତଳେ ଓଡ଼ିଶାକୁ ନିବେଶ ଆସିଥିବା ବେଳେ ଏହି ଗସ୍ତ ମାଧ୍ୟମରେ ଆହୁରି ବିଦେଶୀ ପ୍ରତ୍ୟକ୍ଷ ନିବେଶ ଆକୃଷ୍ଟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ନିବେଶ ବୃଦ୍ଧି ମାଧ୍ୟମରେ ଓଡ଼ିଶାରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ରହିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶାରେ ଅଧିକରୁ ଅଧିକ ପୁଞ୍ଜିନିବେଶ ଆଣିବା ପାଇଁ ସରକାର ନିବେଶକମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ଟଇର ଗସ୍ତ ମଧ୍ୟ ଏହି ନିବେଶ ଅଭିଯାନକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

## ବିଦେଶ ଶିକ୍ଷାବୃତ୍ତି ଯୋଜନା

# ବଢ଼ିଲା ଆବେଦନ ସମୟସୀମା




ଭୁବନେଶ୍ୱର : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ପାଇଁ ଅନଲାଇନ୍ ଆବେଦନର ସମୟସୀମାକୁ ବୃଦ୍ଧି କରାଯାଇଛି। ଅନଲାଇନ୍ ଆବେଦନ କରିବାର ଶେଷ ତାରିଖକୁ ୨୦୨୬ ସେପଟ୍ଟେମ୍ବର ୧୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୨୦୨୫-୨୬ ଏବଂ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀମାନେ ଓଡ଼ିଶା ରାଜ୍ୟ ସ୍କୋଲାରସିପ୍ ପୋର୍ଟାଲ୍ https://scholarship.odisha.gov.in ମାଧ୍ୟମରେ ସେପଟ୍ଟେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶର ଶ୍ରେଷ୍ଠ ୨୦୦ QS ରାଙ୍କପ୍ରାପ୍ତ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓ ପିଏଚଡି ପାଠ୍ୟକ୍ରମ ଅଧ୍ୟୟନ ନିମନ୍ତେ ବିଦେଶ ଶିକ୍ଷାବୃତ୍ତି ଯୋଜନା ପ୍ରଚଳନ କରାଯାଇଛି। ଆବେଦନ ଦାଖଲ ସମୟରେ ଏହି ରାଙ୍କିଙ୍ଗ ଆଧାରରେ ଶ୍ରେଷ୍ଠ ୨୦୦ ଶିକ୍ଷାନୁଷ୍ଠାନ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ବାର୍ଷିକ ପରିବାର ଆୟ ୧୨ ଲକ୍ଷ ପର୍ଯ୍ୟନ୍ତ ଥିବା ଯୋଗ୍ୟ ଏସି/ଏସଟି ଛାତ୍ରଛାତ୍ରୀମାନେ ଏହି ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ ହେବେ। ଏହି ଯୋଜନା ଅଧୀନରେ ମୋଟ ୫୦ ଜଣ ଏସି, ଏସଟି ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯିବ।

# ଘରୁ ଝୁଲନ୍ତା ଅବସ୍ଥାରେ ମିଳିଲା ମମତା ବାନାର୍ଜୀଙ୍କ ଝିଆରୀ ବୃଷ୍ଟିଙ୍କ ମୃତଦେହ

କୋଲକାତା : ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପରିବାରରେ ଶୋକର ଛାୟା। ମମତାଙ୍କ ଝିଆରୀ ବୃଷ୍ଟି ମୁଖାର୍ଜୀଙ୍କ ମୃତ୍ୟୁ। ବୃଷ୍ଟିଙ୍କ ମୃତଦେହ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଛି। କୁହାଯାଉଛି ଯେ, ବୃଷ୍ଟି ଆତ୍ମହତ୍ୟା କରିଥାଇ ପାରନ୍ତି। ତାଙ୍କର ମୃତଦେହ ବୀରଭୂମ ଜିଲ୍ଲାର କୁସୁମ୍ବା ଗାଁରେ ଥିବା ତାଙ୍କ ଘରୁ ଉଦ୍ଧାର ହୋଇଛି। ବୃଷ୍ଟିଙ୍କ ବୟସ ୨୮ ବର୍ଷ ବୋଲି ରିପୋର୍ଟରୁ ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବୃଷ୍ଟି ହେଉଛନ୍ତି ମମତାଙ୍କ ଦାଦା ପୁଅ ନିହାର ମୁଖାର୍ଜୀଙ୍କ ଝିଅ। ନିହାର ମୁଖାର୍ଜୀ ହେଉଛନ୍ତି ଜଣେ ସ୍ଥାନୀୟ ଟିଏମସି ନେତା ।

ପୋଲିସ କହିଛି ଯେ ମଙ୍ଗଳବାର ସକାଳ ୯ଟା ଟା ସମୟରେ ତାଙ୍କ ଘରର ଉପର ମହଲାର ଏକ କୋଠରୀରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଖବର ପାଇବା ପରେ ରାମପୁରହାଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନିଜ ହେପାଜତକୁ ନେଇଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ମୃତ୍ୟୁର ପ୍ରକୃତ କାରଣ ଏବଂ ଘଟଣାର ସମସ୍ତ ପରିସ୍ଥିତି ପୋଷ୍ଟମର୍ଟମ ରିପୋର୍ଟ ଓ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ବୃଷ୍ଟିଙ୍କ ମୃତ୍ୟୁକୁ ନେଇ ଆଉ ଏକ ତଥ୍ୟ ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗର ଶିକ୍ଷକ ଓ ଅଣ-ଶିକ୍ଷକ ନିଯୁକ୍ତି ମାମଲାରେ



ଚାକିରି ହରାଇଥିବା କର୍ମଚାରୀଙ୍କ ମଧ୍ୟରେ ବୃଷ୍ଟିଙ୍କ ନାମ ମଧ୍ୟ ଥିଲା। ରିପୋର୍ଟ ଅନୁସାରେ, ସେ ବୀରଭୂମର ବୋଲପୁର ଅଞ୍ଚଳର ଏକ ସ୍କୁଲରେ ଅଣ-ଶିକ୍ଷକ କର୍ମଚାରୀ ଭାବେ କାମ କରୁଥିଲେ ଏବଂ ୨୦୨୩ରେ ଚାକିରି ହରାଇଥିଲେ। ଶିକ୍ଷକ ନିଯୁକ୍ତି ମାମଲାରେ ପ୍ରାୟ ୨୬ ହଜାର ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ନେଇ ଆଇନଗତ ବିବାଦ ହୋଇଥିଲା। କଲିକାତା ହାଇକୋର୍ଟଙ୍କ ରାୟ ପରେ ଏହି ନିଯୁକ୍ତିଗୁଡ଼ିକ ବାତିଲ ହୋଇଥିଲା ଏବଂ ପରେ ସୁପ୍ରିମକୋର୍ଟ ମଧ୍ୟ ଏହି ରାୟକୁ ବଜାୟ ରଖିଥିଲେ। ଚାକିରୀ ହରାଇଥିବା ବୃଷ୍ଟିଙ୍କ ନାଁ ପ୍ରାର୍ଥୀ ତାଲିକାରେ ୬୦୮ ନମ୍ବର ନମ୍ବର ସ୍ଥାନରେ ଥିଲା। ପରିବାରର କିଛି ସଦସ୍ୟଙ୍କ ଦାବି ଅନୁସାରେ, ବୃଷ୍ଟି କିଛି ବର୍ଷ ଧରି ମାନସିକ ଅବସାଦରେ ଥିଲେ ଏବଂ ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ତାଙ୍କ ମୃତ୍ୟୁ ପଛରେ ଠିକ୍ କ'ଣ କାରଣ ଥିଲା, ତାହା ଏବେ ସୁଦ୍ଧା ତଦନ୍ତାଧୀନ। ପରିବାର ପକ୍ଷରୁ ଆହୁରି କୁହାଯାଇଛି ଯେ, ଚାକିରି ସମ୍ପର୍କିତ ଘଟଣା ପରେ ସେ ମାନସିକ ଚାପରେ ଥିଲେ। ଅନ୍ୟପକ୍ଷରେ, ଚାକିରି ହରାଇବାର ପ୍ରକୃତ ପରିସ୍ଥିତି ନେଇ ମଧ୍ୟ ବିଭିନ୍ନ ରିପୋର୍ଟରେ ଭିନ୍ନ ତଥ୍ୟ ରହିଛି। ଏହା ଛଡା ଆଉ ଏକ କଥା ମଧ୍ୟ ସାମନାକୁ ଆସିଛି। ତାହା ହେଲା ବୃଷ୍ଟି ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ନିକଟରେ ଛାଡପତ୍ର ନେଇ ପ୍ରକ୍ରିୟା ଚାଲିଥିଲା। ରାମପୁରହାଟ ପୋଲିସ ତାଙ୍କ ଆତ୍ମହତ୍ୟା ନିଷ୍ପତ୍ତିର କାରଣ ତଦନ୍ତ କରୁଛି। ଶବକୁ ପୋଷ୍ଟମର୍ଟମ ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି।

Printed, Published, Owned by Subas Chandra Hota, Plot No.: N5/94, Jayadev Vihar, PS: Nayapalli, Bhubaneswar - 751015, Dist-Khordha, Odisha,
Printed at Impression Off-set Press, A/14, Ashok Nagar, Bhubaneswar-751009, Dist.: Khordha, Odisha
E-mail.: dhauliexpress072@gmail.com, www. dhauliexpress.com / dhauliexpressenews.com, Phone: 7008698819, 9437769960
ସଂପାଦକ : ସୁବାସ ଚନ୍ଦ୍ର ହୋତା
Editor : Subas Chandra Hota

କିଛି ଟଙ୍କା, ମଦ, ମାସଂ ପାଇଁ ମୂଲ୍ୟବାନ ଭୋଟ ବିକ୍ରି କରନ୍ତୁ ନାହିଁ